**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**27 January – 2026**

## ସର୍ବଦଳୀୟ ବୈଠକ

ସଂସଦର ବଜେଟ ଅଧିବେଶନ ପୂର୍ବରୁ ଆଜି ନୂଆଦିଲ୍ଲୀଠାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ପୂର୍ବାହ୍ନରେ ହେବାକୁ ଥିବା ଏହି ବୈଠକରେ ପ୍ରମୁଖ ଜାତୀୟ ପ୍ରସଙ୍ଗ ଏବଂ ସଂସଦ କାର୍ଯ୍ୟକୁ ସୁରୁଖୁରରେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ଆଲୋଚନା କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ସଂସଦର ବଜେଟ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଫେବୃୟାରୀ ୧୩ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧିବେଶନରେ ୩୦ଟି ବୈଠକ ଅନୁଷ୍ଠିତ ହେବା ସହ ଫେବୃୟାରୀ ୧ତାରିଖରେ ଆସନ୍ତା ଆର୍ଥିକବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯିବାର କାର୍ଯ୍ୟସୂଚୀ ରହିଛି । ଉଭୟ ସଦନର ମିଳିତ ବୈଠକକୁ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ସଂସଦ ଅଧିବେଶନ ଆରମ୍ଭ ହେବ ।

## ଆଦିବାସୀ ମେଳା

ରାଜ୍ୟ ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସେମାନଙ୍କ ସାମଗ୍ରିକ ବିକାଶ ପାଇଁ ସରକାର ପ୍ରାଥମିକତାର ସହିତ କାର୍ଯ୍ୟ କରୁଛନ୍ତି ।

ଭୁବନେଶ୍ୱର ୟୁନିଟ-୧ସ୍ଥିତ ଆଦିବାସୀ ପଡିଆଠାରେ ଗତ ସନ୍ଧ୍ୟାରେ ଆଦିବାସୀ ମେଳା-୨୦୨୬ର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ଆଞ୍ଚଳିକ ବୈଶମ୍ୟ ଦୂର କରିବା ଲକ୍ଷ୍ୟ ନେଇ ଦକ୍ଷିଣ ଓଡିଶା ବିକାଶ ପରିଷଦ ଏବଂ ଉତ୍ତର ଓଡିଶା ବିକାଶ ପରିଷଦ ସରକାର ଗଠନ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ ବିଭାଗୀୟ ଗବେଷଣାତ୍ମକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରିଛନ୍ତି । ଆସନ୍ତା ମାସ ୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ୧୦୯ଟି ମଣ୍ଡପ ସ୍ଥାନ ପାଇଛି ।

## ଭାରତ ପର୍ବ

ନୂଆଦିଲ୍ଲୀର ଲାଲକିଲ୍ଲାଠାରେ ଜାତୀୟ ସଂସ୍କୃତି ଓ ପର୍ଯ୍ୟଟନ ମହୋତ୍ସବ 'ଭାରତ ପର୍ବ-୨୦୨୬' ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ ଗତକାଲି ଯୋଗଦେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଏଭଳି ମହୋତ୍ସବ ଦେଶରେ ପର୍ଯ୍ୟଟନ ସମ୍ଭାବନା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଯୋଗଦେଇ ଦେଶର ପରମ୍ପରା, ଲୋକକଳା, ହସ୍ତଶିଳ୍ପ, ଖାଦ୍ୟ ଏବଂ ପର୍ଯ୍ୟଟନସ୍ଥଳୀଗୁଡିକ ସମ୍ପର୍କରେ ପ୍ରଚାର ଓ ପ୍ରସାର ହେବା ସହିତ ଦେଶବାସୀଙ୍କ ମଧ୍ୟରେ ଐତିହ୍ୟ ସମ୍ପର୍କ ଅଧିକ ମଜବୁତ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ୬ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ  ୩୪ଟି ରାଜ୍ୟ ଏବଂ ୨୪ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭିନ୍ନ ପ୍ରମୁଖ ପ୍ରତିଷ୍ଠାନ ତଥା ସଂଗଠନର ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇଛି ।

# ଜମି ପଟ୍ଟା ବଣ୍ଟନ

ରାଜ୍ୟର ଭୂମିହୀନଙ୍କୁ ଚିହ୍ନଟ କରି ଆଗାମୀ ୫ବର୍ଷ ମଧ୍ୟରେ ଜମି ପଟ୍ଟା ପ୍ରଦାନ ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ପୁରୀ ସଂସ୍କୃତି ଭବନଠାରେ ଗତକାଲି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପୂଜାରୀ କହିଛନ୍ତି, ସମସ୍ତ ସରକାରୀ ଏବଂ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକୁ ଜମିପଟ୍ଟା ବଣ୍ଟନ ତ୍ୱରାନ୍ୱିତ କରାଯାଇଛି। ଏହି ଅବସରରେ 'ବସୁନ୍ଧରା' ଯୋଜନା ଅଧୀନରେ ଜିଲ୍ଲାର ୧୪ଜଣ ଭୂମିହୀନ ଏବଂ ୨୦ଟି ଶିକ୍ଷାନୁଷ୍ଠାନକୁ ଶ୍ରୀ ପୂଜାରୀ ପଟ୍ଟା ବଣ୍ଟନ କରିଛନ୍ତି ।

# ସଙ୍ଗୀତ ସମାରୋହ

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗତ ସନ୍ଧ୍ୟାରେ ଦେଶାତ୍ମାବୋଧକ ସଙ୍ଗୀତ ସମାରୋହ 'ଭାରତୀୟମ୍' ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଥିଲେ । ସମୃଦ୍ଧ ଓଡିଶା ଏବଂ ବିକଶିତ ଭାରତ ସ୍ୱପ୍ନ ସାକାର କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟର ବହୁ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଶଣ କରିଥିଲେ ।

## ଶତବାର୍ଷିକୀ ସମାରୋହ

ନୟାଗଡ ଜିଲ୍ଲାର ସବୁଠାରୁ ପୁରାତନ ଏବଂ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କୃଷ୍ଣଚନ୍ଦ୍ର କ୍ଲବର ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ ରାଜ୍ୟର ସଂସ୍କୃତି ଏବଂ କ୍ରୀଡା କ୍ଷେତ୍ରରେ ଅନୁଷ୍ଠାନର ଅବଦାନ ଉପରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ ।

## ହକି

ହକି ଇଣ୍ଡିଆ ଲିଗ୍‌ରେ କଳିଙ୍ଗ ଲାନ୍ସର୍ସ ଚାମ୍ପିୟନ ହୋଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ କଳିଙ୍ଗ ଲାନ୍ସର୍ସ' ରାଞ୍ଚି ରୟାଲର୍ସକୁ ୩-୨ ଗୋଲରେ ପରାସ୍ତ କରିଛି । ହାଇଦ୍ରାବାଦ ତୋଫାନ୍ସ ବ୍ରୋଞ୍ଜ ପଦକ ହାସଲ କରିଛି ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡା ହାଇସ୍କୁଲ ପଡିଆରେ ଗତକାଲିଠାରୁ ଷଷ୍ଠ ସର୍ବଭାରତୀୟ ଅବଦୁଲ କରିମ୍ ଖାନ୍ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସାଂସଦ ବୈଜୟନ୍ତ ପଣ୍ଡା ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ଗତକାଲିର ଉଦ୍‌ଘାଟନୀ ମ୍ୟାଚରେ କେନ୍ଦ୍ରାପଡା ଲେବର ସ୍ପୋର୍ଟିଂ ଦଳ କୋଲକାତାର ଏସ.ଏସ. ଦଳକୁ ୩-୧ ଗୋଲରେ ପରାସ୍ତ କରିଛି ।

# ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି । ବିଭିନ୍ନ ଅଞ୍ଚଳରେ ରାତି ତାପମାତ୍ରା ବୃଦ୍ଧି ପାଇଛି । ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ସର୍ବନିମ୍ନ ତାପମାତ୍ରାରେ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ସମ୍ଭାବନା ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ଫୁଲବାଣୀରେ ରାତିର ତାପମାତ୍ରା ୮ଦଶମିକ ୬ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡିରେ ୯ଦଶମିକ ୫ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ତାପମାତ୍ରା ୧୧ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି ।